# Akashvani, Sambalpur

## SAMBALPURI NEWS EVENING BULLETIN

## 28 August 2024- 7.02 pm- 7.12 pm.

*********************************************

୧- କେନ୍ଦ୍ର କେବିନେଟ୍ ବୈଠକ୍‌ଥି ବର୍‌ଗଡ୍ ରୋଡ୍- ନୂଆପଡ଼ା ରୋଡ୍ ରେଲ୍‌ପ୍ରକଳ୍ପ ଆଉ ସର୍‌ଡେଗା- ଭାଲୁମୁରା ଡବଲ୍ ରେଲ୍‌ଲାଇନ୍ ପ୍ରକଳ୍ପକେ ମିଲ୍‌ଲା ମଞ୍ଜୁରୀ ।

୨- ରାଏଜେ ବହୁତ୍ ଜଲ୍‌ଦି ମୁଲ୍ ହେବା ସିଏମ୍ କିଷାନ୍ ଯୋଜ୍‌ନା ।

- ଚାଷୀମାନ୍‌କୁ ବଛର୍‌କ ୨ ଟା କିସ୍ତିଥି ମିଲ୍‌ବା ୪ ହଜାର୍ ଟଙ୍କା ।

୩- ଅନ୍‌ଲାଇନ୍ ଜୁଆ ଆର୍ ଗେମ୍ ଉପ୍‌ରେ ନଜର୍ ରଖ୍‌ବାର୍‌କେ ତଦନ୍ତ୍‌କାରୀ ସଂସ୍ଥାମାନ୍‌କୁ ନିର୍ଦ୍ଦେଶ୍ ଦେଲେ ଏସ୍‌ଆଇଟି ଉପାଧ୍ୟକ୍ଷ ।

ଆଉର୍

୪- ରାସନ୍‌କାର୍ଡ଼ର ଇ-କେଓ୍ୱାଇସି ଲାଗି ଧାରିଜ୍ ନାଇଁ ହେଇ କେନ୍‌ସି ନିର୍ଦ୍ଦିଷ୍ଟ ସମିଆ- ବିଭାଗୀୟ ମନ୍ତ୍ରୀଙ୍କର୍ ତର୍‌ଫୁ ସ୍ପଷ୍ଟ କଲେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ।

କେବିନେଟ୍ ବୈଠକ୍        ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ କେବିନେଟ୍ ବୈଠକ୍ ହେଇଯାଇଛେ । ଇ ବୈଠକ୍ଥି ଓଡ଼ିଶାର୍ ୨ ଟା ରେଲ୍ ପ୍ରକଳ୍ପକେ ମଞ୍ଜୁରୀ ମିଲିଛେ ବଲି କେନ୍ଦ୍ର ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସୂଚ୍ନା ଦେଇଛନ୍ । ସେ କହିଛନ୍ ଯେ, ବର୍ଗଡ଼୍ ଜିଲ୍ଲାନୁ ନୂଆପଡ଼ା ସାଙ୍ଗେ ଜୁଡୁଥିବା ଶହେ ୩୮ କିଲୋମିଟର୍ ଲମ୍ବା ବର୍ଗଡ଼୍ ରୋଡ଼୍ - ନୂଆପଡ଼ା ରୋଡ଼୍ ନୂଆଁ ରେଲ୍ଲାଇନ୍କେ ମଞ୍ଜୁରୀ ଦିଆଯାଇଛେ । ଇ ବାବ୍ଦେ ୨ ହଜାର୍ ୯ ଶହ ୨୬ କୋଟି ଟଙ୍କା ଖର୍ଚ୍ଚା ହେବା । ସେନ୍ତା ୩୭ କିଲୋମିଟର୍ ଲମ୍ବା ସୁନ୍ଦର୍ଗଡ୍ର ସର୍ଡେଗା ଆର୍ ଛତିଶ୍ଗଡ୍ର ଭାଲୁମୁରା ଡବଲ୍ ରେଲ୍ଲାଇନ୍କେ ଭିଲ୍ ମଞ୍ଜୁରୀ ମିଲିଛେ । ଇ ରେଲ୍ଲାଇନ୍ ଓଡ଼ିଶାର୍ ସୁନ୍ଦର୍ଗଡ଼୍ ଜିଲ୍ଲାକେ ଛତିଶ୍ଗଡ଼୍ର ରାୟଗଡ଼୍ ଜିଲ୍ଲା ସାଙ୍ଗେ ଜୁଡ଼୍ବା । ଇ ବାବ୍ଦେ ୧ ହଜାର୍ ୩ ଶହ ୬୦ କୋଟି ଟଙ୍କା ଖର୍ଚ୍ଚା ହେବା । ଇ ନୂଆଁ ରେଲ୍ପ୍ରକଳ୍ପ ଯୋଗାଯୋଗ ବ୍ୟବସ୍ଥାଥି ସୁଧାର୍ ଆନ୍ବାର୍ ସହେତେ ଯାତ୍ରାକେ ସହଜ୍ କର୍ବା । ଇତାର୍ସଙ୍ଗେ ପରିବହନ୍ ଖର୍ଚ୍ଚ ଆଉ ତେଲ୍ ଆମ୍ଦାନୀ କମାବା । ଇ ଦୁହି ପ୍ରକଳ୍ପ ୨୦୨୮-୨୯ ତକ୍ ସାର୍ବାର୍କେ ଲକ୍ଷ୍ୟ ରଖାଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ । ସେଆଡ଼େ ଇ ପ୍ରକଳ୍ପ ସହେତେ ଜାମ୍ସେଦ୍ପୁର୍-ପୁରୁଲିଆ-ଆସାନ୍ସୋଲ୍ ଶହେ ୨୧ କିଲୋମିଟର୍ ଲମ୍ବା ମଲ୍ଟି ରେଲ୍ଲାଇନ୍ ପ୍ରକଳ୍ପକେ

କେବିନେଟ୍ ମଞ୍ଜୁରୀ ଦେଇଛେ । ଇ ସବୁ ରେଲ୍ ପ୍ରକଳ୍ପ ତିଆରନୁ ଓଡ଼ିଶା ସହେତେ ଝାଡ଼ଖଣ୍ଡ୍ ପଶ୍ଚିମବଙ୍ଗ୍ ଆର୍ ଛତିଶ୍‌ଗଡ୍‌ର ଲୁକେ ଲାଭ୍ ପାଏବେ ।

ନୂଆଁ ଏଫ୍.ଏମ୍. ଷ୍ଟେସନ୍ ଏନ୍‌ଏସ୍‌ଡି

ଦେଶର୍ ୨ ଶହ ୩୪ ଟା ସହର୍ ନ ୭ ଶହ ୩୦ ଟା ଘରୋଇ ଏଫ୍.ଏମ୍ ବସାବାର୍ ପ୍ରସ୍ତାବ୍‌କେ କେନ୍ଦ୍ର କେବିନେଟ୍ ଆଏଜ୍ ମଞ୍ଜୁରୀ ଦେଇଛେ ବଲି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ସେ ଆହୁରି କହିଛନ୍ ଯେ, ଇତାର୍ ଭିତ୍‌ରେ ସମ୍ବଲ୍‌ପୁର୍‌ର ୩ ଟାକେ ମିଶେଇକରି ଓଡ଼ିଶାର୍ ୧୯ ଟା ଘରୋଇ ଏଫ୍.ଏମ୍. ଷ୍ଟେସନ୍ ରହିଛେ । ଇ ଏଫ୍.ଏମ୍ ଷ୍ଟେସନ୍ ମାନେ ମାତୃଭାଷା ଆଉ ସେ ଇଲାକାର୍ କଳା ଆଉ ସଂସ୍କୃତିକେ ତହଁକାବାର୍ ସହେତେ ନୂଆଁ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍‌ବା ।

ପ୍ରଧାନ୍‌ମନ୍ତ୍ରୀ ଜନ୍‌ଧନ୍ ଯୋଜ୍‌ନା ଆର୍‌ଏନ୍‌ୟୁ / କଟକ୍

ପ୍ରଧାନ୍‌ମନ୍ତ୍ରୀ ଜନ୍‌ଧନ୍ ଯୋଜ୍‌ନାକେ ଆଏଜ୍ ୧୦ ବଛର୍ ପୁରିଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ଅଗଷ୍ଟ ୨୮ ତାରିଖ୍ ଦିନ ଇ ଯୋଜ୍‌ନାକେ ଜାତୀୟ ଆର୍ଥିକ୍ ଅନ୍ତର୍ଭୁକ୍ତ ମିଶନ୍

ଭାବେ ଶୁଭାରମ୍ଭ କରିଥିଲେ । ବେଙ୍କ୍ ସେବା ସାଙ୍ଗେ ନାଇଁ ଜୁଡ଼ି ହେଇଥିବା ଲୁକ୍‌କୁ ବେଙ୍କ୍ ସାଙ୍ଗେ ଜୁଡ଼୍‌ବାର୍ ଲାଗି ଇ ଯୋଜ୍‌ନା ସାହାଜ୍ ହେଇଛେ । ଇ କାର୍ଯ୍ୟକ୍ରମ୍ ୫୩ କୋଟିନୁ ଅଏତ୍‌କା ଭାରତୀୟଙ୍କର୍ ଜୀବନ୍‌ଥି ସକାରାତ୍ମକ ପରିବର୍ତ୍ତନ୍ ଆନିଛେ । ମୋଟ୍ ୫୩ କୋଟି ଏକାଉଂଟ୍ ଭିତ୍‌ରୁ ୨୯ କୋଟି ୫୬ ଲାଖ୍ ଟା ଏକାଉଂଟ୍ ମହିଳାମାନ୍‌କର୍ ନାଁଥି ରହିଛେ ବଲି ସୂଚ୍‌ନା ମିଲିଛେ । ଚଲ୍‌ତି ବଛର୍ ଅଗଷ୍ଟ ମାସ୍‌ତକ୍ ଜନ୍‌ଧନ୍ ଏକାଉଂଟ୍‌ଥି ୨ ଲାଖ୍ ୩୧ ହଜାର୍ କୋଟି ଟଙ୍କା ଜମା ରହିଛେ । ଇ ଯୋଜ୍‌ନା ଜରିଏ ଯୋଗ୍ୟ ହିତାଧିକାରୀଙ୍କର୍ ପାଖ୍‌କେ କଲ୍ୟାଣ୍‌କାରୀ ଯୋଜ୍‌ନା ମାନ୍‌କର୍ ଆର୍ଥିକ୍ ସୁଫଲ୍ ଆର୍ ସ୍ୱଚ୍ଛ ହସ୍ତାନ୍ତର୍ ସମ୍ଭବ୍ ହେଇପାରିଛେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଅବ୍‌ସରେ ହିତାଧିକାରୀ ଆର୍ ଯୋଜ୍‌ନାକେ ସଫଲ୍‌ତା ଦେବାର୍‌ଥି ଯୋଗ୍‌ଦାନ୍ ଦେଇଥିବାର୍ ସମ୍‌କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ସେ କହିଛନ୍ ଯେ, ଇ ଯୋଜ୍‌ନା ସମାଜ୍‌ର ଆର୍ଥିକ୍ ପଛୁଆ ବର୍ଗର୍ ଲୁକ୍‌କୁ ସଶକ୍ତ କର୍‌ବା ଆର୍ ତାଙ୍କୁ ସମ୍ମାନ୍‌ର ସହେତେ ବଂଚ୍‌ବାର୍ ସୁଯୋଗ୍ ଦେଇଛେ ।

ସି.ଏମ୍. କିଷାନ୍ ଯୋଜ୍‌ନା ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ବହୁତ୍ ଜଲ୍‌ଦି ସି.ଏମ୍. କିଷାନ୍ ଯୋଜ୍‌ନା ମୁଲ୍ ହେବା । ଇ ଯୋଜ୍‌ନା ଅଧୀନ୍‌ଥି ବଛର୍‌କ ୨ ଟା କିସ୍ତିଥି ୨ ହଜାର୍

ଲେଖା ୪ ହଜାର୍ ଟଙ୍କା ମିଲ୍‌ବା । ସେନ୍ତା ଭୂମିହୀନ ଚାଷୀମାନ୍‌କୁ ୩ ଟା କିସ୍ତିଥି ମୋଟ୍ ୧୨ ହଜାର୍ ୫ ଶହ ଟଙ୍କା ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ବିଧାନ୍‌ସଭା ନ ଇ ବାବ୍‌ଦେ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀ ସିଂହଦେଓ କହିଛନ୍ ଯେ, ନୂଆଁକରି ସାମିଲ୍ ହେବାର୍ ଲାଗି ଚାଷୀମାନେ ସି.ଏମ୍. କିଷାନ୍ ପୋର୍ଟାଲ୍‌ଥି ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ ପ୍ରକ୍ରିୟା ଖୋବ୍ ଜଲ୍‌ଦି କାର୍ଯ୍ୟକାରୀ କରାଯିବା ।

ଏସ୍‌ଆଇଟି ବୈଠକ ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍‌ଲାଇନ୍ ଜୁଆ ଆର୍ ଗେମ୍‌ଥି ଅଏତ୍‌କା କଳାଧନ୍ କାର୍‌ବାର୍ ହେଉଥିବାର୍‌ନୁ ତାର୍ ଉପ୍‌ରେ ନଜର୍ ରଖିବାର୍ ଲାଗି ସ୍ୱତନ୍ତ୍ର ତଦନ୍ତ୍‌କାରୀ ସଂସ୍ଥା - ଏସ୍‌ଆଇଟିର ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତ ତଦନ୍ତ୍‌କାରୀ ସଂସ୍ଥାମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । କଟକ୍ ଠାନେ ଆଏଜ୍ ହେଇଥିବା ଏସ୍‌ଆଇଟିର ବୈଠକ୍‌ଥି ଅନ୍‌ଲାଇନ୍ ଜରିଏ କଳାଧନ୍ କାର୍‌ବାର୍ ଉପ୍‌ରେ ଟିକିନିଖି ଆଲୋଚନା ହେଇଥିଲା । ଇତାର୍‌ଛଡ଼ା ବୈଠକ୍‌ଥି ଅଲ୍‌ଗା କ୍ଷେତ୍ର ନ ହେଉଥିବା କଳାଧର୍ କାର୍‌ବାର୍ ନେଇକରି ଜଷ୍ଟିସ୍ ପଶାୟତ୍ ଚନ୍ତା ପ୍ରକଟ୍ କର୍‌ବାର୍ ସହେତେ ଦୁର୍ନୀତିକେ ରୁକ୍‌ବାର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ଉପ୍‌ରେ ଆଲୋଚନା କରିଥିଲେ । ଇ ବୈଠକ୍‌ଥି ପ୍ରବର୍ତନ୍

ନିର୍ଦ୍ଦେଶାଳୟ, ଗୁଇନ୍ଦା ବିଭାଗ୍, ଆୟକର, ବାଣିଜ୍ୟକର, ପୁଲିସ୍ ଆର୍ ଆର୍ଥିକ୍ ଅପରାଧ୍ ନେଇକରି ତଦନ୍ତ୍ କରୁଥିବା ଭିନ୍ ଭିନ୍ ସଂସ୍ଥାର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ରାସନ୍ କାର୍ଡ୍‌ର-ଇ-କେୱାଇସି ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜ୍‌ନା - ରାସନ୍ କାର୍ଡ୍‌ର ଇ-କେୱାଇସି ଲାଗି କେନ୍‌ସି ନିର୍ଦ୍ଦିଷ୍ଟ ସମୟ ଧାରିଜ୍ ନାଇଁ କରାଯାଇ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀଙ୍କର୍ ତର୍‌ଫୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସୂଚ୍‌ନା ଦେଇଛନ୍ । ବିଧାନ୍‌ସଭା ନ ଇ ବାବ୍‌ଦେ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଖାଦ୍ୟ ଯୋଗାଣ ବ୍ୟବସ୍ଥାଥି ସ୍ୱଚ୍ଛତା ଆନ୍‌ବାର୍ ଲକ୍ଷ୍ୟଥି ଇ-କେୱାଇସି ପ୍ରକ୍ରିୟା ମୁଲ୍ କରାଯାଇଛେ । ହେଲେ ଇଟାକେ ଏବ୍‌ତକ୍ କଡ଼ାକଡ଼ି ଭାବେ ଲାଗୁ ନାଇଁ କରାଯାଇ । ଇଥିର୍‌ଲାଗି ଧାରିଜ୍ କରାଯାଇଥିବା ଗୁଟେ ମାସର୍ ସମୟ ସୀମା ଭିତ୍‌ରେ ଇ-କେୱାଇସି ପୂରଣ୍ ନାଇଁ ହେଲେ ଭିଲ୍ ରାସନ୍ କାର୍ଡ୍ ଜରିଏ ଆଘର୍ ବାଗିର୍ ଖାଦ୍ୟ ଯୋଗାଣ ବ୍ୟବସ୍ଥା ଜାରି ରହେବା ବଲି ମନ୍ତ୍ରୀ ଶ୍ରୀ ସୁରଜ୍ ସ୍ୱଷ୍ଟ କରିଛନ୍ । ରାତିବେଲା ରୁଟି ଖାଏବାର୍‌ଟା ବଢୁଥିବାର୍‌ନୁ

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜ୍‌ନାଥି ଚାଉଲ୍ ସାଙ୍ଗେ ଗହମ୍ ଦେବାର୍ ପ୍ରସ୍ତାବ୍ ବିଚାର୍‌ଧୀନ୍ ରହିଛେ ବଲି ସେ କହିଛନ୍ ।

ପବନ ଶକ୍ତି ପ୍ରକଳ୍ପ ଥାପ୍‌ନା ଆର୍‌ଏନ୍‌ୟୁ/ କଟକ୍

ସାରା ରାଏଜେ ୩ ଶହ ୯୨ ଦଶ୍‌ମିକ୍ ୮ ମେଗାଓ୍ୱାଟ୍ ର ପବନ ଶକ୍ତି ପ୍ରକଳ୍ପ ଥାପ୍‌ନାର୍ ପ୍ରସ୍ତାବ୍ ରହିଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ବିଧାନ୍‌ସଭା ନ ଇ ବାବ୍‌ଦେ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ଅଣପାରମ୍ପାରିକ ଶକ୍ତିଉସ୍ନୁ ଅଏତ୍‌କାନୁ ଅଏତ୍‌କା ବିଦ୍ୟୁତ୍ ଉତ୍ପାଦନ୍ ଲାଗି ରାଜ୍ୟ ସର୍‌କାର୍ ଜୋର୍ ଦଉଛନ୍ । କୋରାପୁଟ୍‌ର ଦେଓମାଲୀ ଠାନେ ଜେ.ଏସ୍.ଡବ୍ଲୁ କମ୍ପାନୀ ତର୍‌ଫୁ ଥାପ୍‌ନା ହେବାର୍‌କେ ଥିବାର୍ ୪୯ ଦଶ୍‌ମିକ୍ ୫ ମେଗାଓ୍ୱାଟ୍ ଆର୍ ଉମର୍‌କୋଟ୍ ଠାନେ ଏଚ୍.ପି.ସି.ଏଲ୍ ତର୍‌ଫୁ ୪୮ ମେଗାଓ୍ୱାଟ୍ କ୍ଷମତାର୍ ଶକ୍ତି ପ୍ରକଳ୍ପକେ ସର୍‌କାର୍ ଅନୁମୋଦନ୍ ଦେଇଛନ୍ । ସେ ଆହୁରି କହିଛନ୍ ଯେ, ଓ.ଏନ୍.ଜି.ସି. ତ୍ରିପୁରା ପାଓ୍ୱାର୍ କମ୍ପାନୀ ତର୍‌ଫୁ ଜଗତ୍‌ସିଂହପୁର୍, ସମ୍ବଲ୍‌ପୁର୍ ଅଧୀନ୍‌ଥି ଥିବା କୁସୁମୀ, ନବରଙ୍ଗ୍‌ପୁର୍ ଜିଲ୍ଲାର୍ ପାପଡ଼ାହାଣ୍ଡି ଠାନେ ଭିଲ୍ ଶକ୍ତିପ୍ରକଳ୍ପ ଥାପ୍‌ନା ପ୍ରସ୍ତାବ୍ ସର୍‌କାର୍‌ଙ୍କର୍ ବିଚାର୍‌ଧୀନ୍ ରହିଛେ ।

ଆର୍‌ଡିସି ସମ୍ବଲପୁର ସମ୍ବାଦଦାତା

ଉତରାଂଚଲ୍ ରାଜସ୍ୱ କମିଶନର୍- ଆର୍‌ଡିସି ଭାବେ ସଚିନ୍ ରାମଚନ୍ଦ୍ର ଯାଦବ୍ ଆଏଜ୍ ଯୋଗ୍ ଦେଇଛନ୍ । ୨୦୦୭ ବେଚ୍‌ର ଭାରତୀୟ ପ୍ରଶାସନିକ ସେବା- ଆଇଏଏସ୍ ଅଧିକାରୀ ଶ୍ରୀ ଯାଦବ୍ ଆଘୋନୁ ପର୍ଯ୍ୟଟନ୍ ବିଭାଗ୍‌ର ସଚିବ ଥିଲେ । ଆର୍‌ଡିସି ଭାବେ ଯୋଗ୍ ଦେବାର୍ ଉତ୍‌ରୁ ସେ କହିଛନ୍ ଯେ, ପଶ୍ଚିମ ଓଡ଼ିଶା ନ ପୁର୍ନବାସ ଥଇଥାନ୍, ରାଜସ୍ୱ ଆଦାୟ ଆର୍ ରାଜସ୍ୱ ବିଭାଗ୍‌ର କାମ୍ ପରିଚାଳନାଥି ଧ୍ୟାନ୍ ଦିଆଯିବା ।

ରେଲଲାଇନ୍ ପ୍ରକଳ୍ପ        ନୂଆପଡ଼ା ସମ୍ବାଦଦାତା

ବରଗଡ୍ ରୋଡ୍ - ନୂଆପଡ଼ାରୋଡ୍ ରେଲଲାଇନ୍ ପ୍ରକଳ୍ପ କେ ମଞ୍ଜୁରୀ ମିଲିଥିବାର୍‌ନୁ ବର୍‌ଗଡ୍ ଆର୍ ନୂଆପଡ଼ା ଇଲାକା ନ ଖୁସି ଦେଖିବାର୍‌କେ ମିଲିଛେ । ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଅବ୍‌ସରେ ପଶ୍ଚିମ ଓଡ଼ିଶାବାସୀଙ୍କୁ କେନ୍ଦ୍ର ସର୍‌କାର୍‌ଙ୍କର୍ ଇଟା ବଡ଼ ଉପହାର୍ ବଲି ଅଂଚଲ୍‌ବାସୀ କହିଛନ୍ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଉ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ୍ ଦେଇଛନ୍ ।

ସାମାଜିକ୍ ସମୀକ୍ଷା ବୈଠକ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କଲ୍ୟାଣ୍ ମଣ୍ଡପ୍ ନ ମହାତ୍ମାଗାନ୍ଧୀ ନରେଗା, ବାର୍ଦ୍ଧକ୍ୟ ଭତା ଆର୍ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜ୍ନା ବାବ୍ଦେ ସାମାଜିକ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ ସୁବାସ ଚନ୍ଦ୍ର ରାଇତା ଇଥି ଯୋଗ୍ ଦେଇକରି ସର୍କାରୀ ଯୋଜ୍ନା ମାନ୍କର୍ ସଫଲ୍ ରୂପାୟନ୍ ଲାଗି ପରାମର୍ଶ ଦେଇଥିଲେ ।

ଭୋଟର୍ ତାଲିକା ସଂକ୍ଷିପ୍ତ ସଂଶୋଧନ    ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲାପାଲ୍ଙ୍କର୍ ସଭାଗୃହ ନ ଭୋଟର୍ ତାଲିକା ସଂକ୍ଷିପ୍ତ ସଂଶୋଧନ୍ ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲ୍ମାନ୍କୁ ନେଇକରି ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍ଥି ଭୋଟର୍ ତାଲିକା ସ୍ୱତନ୍ତ୍ର ସଂଶୋଧନ୍ କାର୍ଯ୍ୟସୂଚୀ ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ନିଷ୍ପତି ନିଆଯାଇଛେ । ଇ କାର୍ଯ୍ୟକ୍ରମ୍ ଲାଗି ସବୁ ବି.ଏଲ୍.ଓ. ମାନେ ବ୍ଲକ୍ ସ୍ତର୍ ନ ଘର୍କେ ଘର୍ ବୁଲିକରି ସଂଶୋଧନ୍ କାମ୍ କର୍ବେ । ତାଲିକାଭୁକ୍ତ ହେବାର୍କେ ଥିବା ନୂଆଁ ଭୋଟର୍, ସ୍ଥାନାନ୍ତର୍, ମୃତ୍ୟୁ, ଅନୁପସ୍ଥିତି କ୍ଷେତ୍ର ନ ବାଦ୍ ଦେବାର୍କେ ଥିବାର୍ ଭୋଟର୍ଙ୍କର୍ ନାଁ, ଠିକ୍ନା ସଂଶୋଧନ୍

କରିକରି ଚିଠା ପ୍ରସ୍ତୁତ୍ କରାଯିବାର୍‌କେ ଆଲୋଚନା କରାଯିବା ।

ଜେଆର୍‌ସି ସଂଘର୍ ବୈଠକ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ଶିକ୍ଷକ୍, ସ୍କାଉଟ୍, ଗାଇଡ୍ ଆର୍ ଜେଆର୍‌ସି ସଂଘର୍ ବୈଠକ୍ ଝାର୍‌ସୁଗୁଡ଼ା ସର୍‌କାରୀ ଉଚ୍ଚ ବିଦ୍ୟାଳୟ ନ ଆଏଜ୍ ହେଇଯାଇଛେ । ବୈଠକ୍‌ଥି ବିଦ୍ୟାଳୟର୍ ଖେଲ୍‌କୁଦ୍-ସ୍କାଉଟ୍, ଗାଇଡ୍ ଆର୍ ଜୁନିୟର୍ ରେଡ଼କ୍ରସ୍ କେନ୍ତା ସୁରୁଖୁରୁଥି ପରିଚାଳନା ହେବା ତାର୍ ଉପ୍‌ରେ ଜୋର୍ ଦେବାର୍‌କେ ଆଲୋଚନା କରାଯାଇଥିଲା । ଜିଲ୍ଲା ନ କେନ୍ତା ବିଦ୍ୟାଳୟମାନ୍‌କେ ଉନ୍ନତ୍‌ମାନର୍ କ୍ରୀଡ଼ାବିତ୍ ବାହାର୍‌ବେ ଆଉ ରାଜ୍ୟ ଆର୍ ଜାତୀୟସ୍ତର୍‌ଥି ଜିଲ୍ଲାକେ ଗୌରବାନ୍ୱିତ କର୍‌ବେ ସେ ବାବ୍‌ଦେ ଧ୍ୟାନ୍ ଦେବାର୍‌କେ ପରାମର୍ଶ ଦିଆଯାଇଛେ ।

କୌଶଲ୍ ରଥ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଶାଗୁଆ ପତକା ଦେଖେଇକରି କୌଶଲ୍ ରଥର୍

ଶୁଭାରମ୍ଭ କରିଛନ୍ । ବୌଦ୍ଧ ଆଇଟିଆଇ, ବାମଣ୍ଡାର୍ ମୋଡ଼େଲ୍ ଡିଗ୍ରୀ କଲେଜ୍, ହରେକୃଷ୍ଣପୁର୍ ହାଇସ୍କୁଲ୍ ଆର୍ ବୌଦ୍ଧ ପଂଚାୟତ୍ କଲେଜ୍ ଠାନେ ଛାତ୍ରଛାତ୍ରୀମାନ୍‌କୁ ଇ କୌଶଲ୍ ରଥ- ଦକ୍ଷତା ବିକାଶ୍ ଡିଜିଟାଲ୍ ଶିକ୍ଷା ବାବ୍‌ଦେ ତାଲିମ୍ ଦେଇଥିଲା । ଇ କୌଶଲ୍ ରଥ ୪ ଦିନ୍ ତକ୍ ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ବୁଲ୍‌ବା ।

ବାର୍ଡ୍‌ଫ୍ଲୁ ଆର୍‌ଏନ୍‌ୟୁ/ସମ୍ବଲପୁର

ମୁନୁଷ୍ ମାନ୍‌କର୍ ନ ବାର୍ଡ୍‌ଫ୍ଲୁ ସଂକ୍ରମଣ୍‌କେ ନେଇକରି ଏଛେନ୍‌ତକ୍ କେନ୍‌ସି ସ୍ୱଷ୍ଟ ସୂଚ୍‌ନା ନାଇଁ ମିଳି ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର୍ ନୀଳକଣ୍ଠ ମିଶ୍ର ସୂଚ୍‌ନା ଦେଇଛନ୍ । ପୁରୀ ନ ଲକ୍ଷଣ୍ ଦେଖାଦେଇଥିବା ଲୁକ୍‌କର୍ ପରୀକ୍ଷା ଲାଗି ନମୁନା ସଂଗ୍ରହ କରାଯାଇଛେ ବଲି ସେ କହିଛନ୍ । ଇ ରିପୋର୍ଟ ମିଲ୍‌ବାର୍ ଲାଗି ହପ୍ତେ ସମୟ ଲାଗ୍‌ବା । ଇତାର୍‌ଉତ୍‌ରୁ ସଂକ୍ରମଣ୍ ବାବଦ୍ ସ୍ୱଷ୍ଟ ସୂଚ୍‌ନା ମିଲ୍‌ବା ବଲି ସେ କହିଛନ୍ । ସଂକ୍ରମିତ୍ ଇଲାକାକେ ଛାଡ଼ିଦେଲେ ବାକି ଇଲାକା ନ କୁକୁଡ଼ା ମାଂସ ଖାଏବାର୍‌ଥି କିଛି ଅସୁବିଧା ନାଇଁ ବଲି ଡାକ୍ତର୍ ମିଶ୍ର କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ପୂର୍ବ କେନ୍ଦ୍ରୀୟ ଆଉ ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାର୍ ଆଖର୍‌ପାଖର୍ ଇଲାକା ନ ଆଏବା କାଏଲ୍ ଗୁଟେ ଲଘୁଚାପ୍ ସୃଷ୍ଟି ହେବା । ଇତାର୍ ପ୍ରଭାବ୍‌ଥି ଆଏବା ୪ ଦିନ୍‌ତକ୍ ରାଏଜେ ଜବର୍ ବର୍ଷା ହେବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏବାକାଏଲ୍ କଲାହାଣ୍ଡି ଆର୍ ସୁନ୍ଦର୍‌ଗଡ଼ ସହେତେ ରାଜ୍ୟର୍ ୧୯ ଟା ଜିଲ୍ଲାକେ  ବର୍ଷା ହେବା ବଲି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।